R.N.I. REGN. No. 65000/96 POSTAL REGN. No. OR/BN-32/12-14

ପଞ୍ଚବିଂଶ ବର୍ଷ
ସଂଖ୍ୟା : ୬୦
ତିଥି : ଅଷ୍ଟମୀ
୮ ଡିସେମ୍ବର ୨୦୨୦, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXV, No. 60
8 December 2020, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବିଜିୟୁ ପକ୍ଷରୁ ଏଚ୍ଆର୍ ଇନ୍ ଦି ନ୍ୟୁ ନର୍ମାଲ ସଂପର୍କିତ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର (ସବ୍ୟୁ): ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍ମେ , ବିର୍ଲା ଗ୍ଲୋବାଲ ୟୁନିଭରସିଟି ତରଫରୁ ଏଚ୍ଆର ଇନ୍ ଦି ନ୍ୟୁ ନର୍ମାଲସଂପର୍କିତ ଏକ ଜାତୀୟ ସମ୍ମିଳନୀ ଭର୍ଚୁଆଲ ମୋଡ୍ ମାଧ୍ୟମରେ ଆୟୋଜିତ ହୋଇଯାଇଛି । ଉକ୍ତ ସେମିନାରର ଉଦ୍ଘାଟନ ଅବସରରେ ନେଭେଲି ଲିଗ୍ନାଇଟ୍ କର୍ପୋରେସନ୍ ଇଣ୍ଡିଆର (ନିର୍ଦ୍ଦେଶକ-ଏଚ୍ଆର) ଆର୍. ବିକ୍ରମନ୍ ମୁଖ୍ୟ ଅତିଥି ରୂପେ, ଏନ୍ଏଲସି ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଏବଂ ଗୁଡ୍ ପିପୁଲ ରିଲେସନ୍ସ ଏଚ୍ଆର କନ୍ସଲଟିଙ୍ଗ ଏଲ୍ଏଲ୍ପିର ପ୍ରତିଷ୍ଠାତା ଡ. ଜିପି ରାଓ ସମ୍ମାନୀତ ଅତିଥି ରୂପେ ଏବଂ ଏଲ୍ ଆଣ୍ଡ ଟି ଇନ୍ଫୋଟେକ୍ ଲିଃର ଉପସଭାପତି-ଏଚ୍ଆର୍ ରାଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଜିୟୁ କୁଳପତି ପ୍ରଫେସର ଡଃ. ପି.ପି. ମାଥୁର, ରେଜିଷ୍ଟ୍ରାର ପ୍ରଫେସର ଡଃ. ବି.କେ ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍ମେର କନ୍ଫେରେନ୍ସ ଚେୟାରମ୍ୟାନ୍ ଏବଂ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍ମେର ଡିନ୍ ପ୍ରଫେସର ଡଃ. ପି. ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଦୁଇଟି ବୈଷୟିକ ସେମିନାର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସିଗାନ୍ କ୍ୟାମ୍ ଟେକ୍ନୋଲୋଜିସ୍ ଏବଂ ସିଗାନ୍ ଇଭୋଲ୍ୟୁଜର ଗ୍ରୁପ୍ ଏଚ୍ଆର୍ ମୁଖ୍ୟ ସମର ମହାପାତ୍ର ଏବଂ ଆର୍ପି ସଞ୍ଜୀବ୍ ଗୋଏଙ୍କା ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ (ଗ୍ରୁପ୍ କର୍ପୋରେଟ ଏଚ୍ଆର୍) ଅଜୟ କୁମାର ସାହୁ ଓ ବର୍ଣ୍ଣନ୍ ଦାସ, ହେଡ୍ ହ୍ୟୁମାନ୍ ରିସୋର୍ସେସ୍, ହେଭି ସିଭିଲ ଇନ୍ଫ୍ରାଷ୍ଟ୍ରକ୍ଚର ଆଇସି, ଏଲ୍ ଆଣ୍ଡ ଟି କନ୍ଷ୍ଟ୍ରକସନ୍ସ,ଚେନ୍ନାଇ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି କନ୍ଫରେନ୍ସଟି ସମସ୍ତ ଗବେଷକ,ଶିକ୍ଷାବିତ୍ ଏବଂ ଏଚ୍ଆର୍ ଲିଡରମାନଙ୍କୁ ଏଚ୍ଆର୍ ସମ୍ବନ୍ଧୀୟ ସମସ୍ୟା ଯାହା ବର୍ତ୍ତମାନର ମହାମାରୀ ସମୟରେ ଅନୁଷ୍ଠାନଗୁଡ଼ିକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ଆଲୋଚନା କରିବାର ଉପଯୁକ୍ତ ମାଧ୍ୟମ ଯୋଗାଇଦେଇଥିଲା । ଡଃ ଅର୍ଚ୍ଚନା ଚୌଧୁରୀ, ବିଭାଗୀୟ ମୁଖ୍ୟ, ଓବି ଆଣ୍ଡ ଏଚ୍ଆର୍ ସମ୍ମିଳନୀର ସଂଯୋଜନା କରିଥିବା ବେଳେ ଡଃ ସ୍ମିତା ମହାପାତ୍ର, କୋ-କନ୍ଭେନର୍ ଧନ୍ୟବାଦ ଅର୍ପଣ କରିଥିଲେ ।